# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 530 CUTTACK, WEDNESDAY, MARCH 31, 2021/CHAITRA 10, 1943**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ ୧୦ ମାର୍ଚ୍ଚ ୨୦୨୧

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

**S.R.O. No. 89/**2021—ରାଜ୍ୟ ସରକାର ପ୍ରଭାବିତ ଗ୍ରାମ/ୱାର୍ଡ଼ ସ୍ତରରେ ସମ୍ପୃକ୍ତ ଗ୍ରାମପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥିନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧। ପ୍ରକଳ୍ପ ବିକାଶକାରୀଙ୍କ ନାମ : ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ, ଖଡିଆଳ, ଜିଲ୍ଲା–ନୂଆପଡା

୨। ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ : ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ନିମନ୍ତେ

୩। SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା । : Geoenvitech Research & Consultancy Services Pvt. Ltd., Bhubaneswar.

SIA ସର୍ବେକ୍ଷଣ ଅନୁଷ୍ଠାନ : Nabakrushna Choudhury Centre for Development Studies, Bhubaneswar, Phone No. 0674-2300471, 2301094.

୪। ପ୍ରକଳ୍ପ ପାଇଁ ନୂଆପଡା ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ/ତଫସିଲ

ତହସିଲ : ବୋଡେନ ଓ ସିନାପାଲି ଜିଲ୍ଲା : ନୂଆପଡା

| କ୍ରମିକ ନଂ | ଗ୍ରାମ | ତହସିଲ | ଗ୍ରାମପଞ୍ଚାୟତ | ବେସରକାରୀ ଜମି (ଏକର) | ମନ୍ତବ୍ୟ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୧ | କିରେକେଲା | ବୋଡେନ | କର୍ଲାକୋଟ | ୦.୧୧୧ | |
| ୨ | କର୍ଲାକୋଟ | ବୋଡେନ | କର୍ଲାକୋଟ | ୨.୧୬୧ | |
| ୩ | କିରେଝୋଲା | ବୋଡେନ | କର୍ଲାକୋଟ | ୨.୭୯୪ | |
| ୪ | ଅମେରା | ବୋଡେନ | କର୍ଲାକୋଟ | ୦.୪୯୩ | |
| ୫ | ଖଇରା | ବୋଡେନ | ଖଇରା | ୮.୫୯୮ | |
| ୬ | ବାଗବାହାଲ | ବୋଡେନ | ଖଇରା | ୦.୨୨୦ | |

| କ୍ରମିକ ନଂ | ଗ୍ରାମ | ତହସିଲ | ଗ୍ରାମପଞ୍ଚାୟତ | ବେସରକାରୀ ଜମି (ଏକର) | ମନ୍ତବ୍ୟ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୭ | କେଶରାଜପୁର | ବୋଡେନ | ଖଇରା | ୦.୧୪୪ | |
| ୮ | ସୁନାପୁର | ବୋଡେନ | ସୁନାପୁର | ୦.୬୨୦ | |
| ୯ | ବିନପୁର | ବୋଡେନ | ବୋଡେନ | ୦.୯୬୦ | |
| ୧୦ | ବୋଡେନ | ବୋଡେନ | ବୋଡେନ | ୧.୭୪୦ | |
| ୧୧ | ବିରେଶକେଲା | ବୋଡେନ | ବୋଡେନ | ୧.୮୫୦ | |
| ୧୨ | କେରାପଦର | ବୋଡେନ | ବୋଡେନ | ୩.୩୫୦ | |
| ୧୩ | ଜାମଗାଁ | ବୋଡେନ | ବୋଡେନ | ୦.୦୪୦ | |
| ୧୪ | ରାଜପୁର | ବୋଡେନ | ବୋଡେନ | ୦.୯୯୦ | |
| ୧୫ | ଝିରନିଖୋଲ | ବୋଡେନ | ଲିଟିସର୍ଗି | ୦.୮୪୦ | |
| ୧୬ | ଲିଟିସର୍ଗି | ବୋଡେନ | ଲିଟିସର୍ଗି | ୧.୧୨୦ | |
| ୧୭ | ରାନିମୁଣ୍ଡା | ସିନାପାଲି | ରାନିମୁଣ୍ଡା | ୦.୯୪୦ | |
| ୧୮ | ଟିମନପୁର | ସିନାପାଲି | ଟିମନପୁର | ୧.୫୯୦ | |
| ୧୯ | ଗଡରାମାଳ | ସିନାପାଲି | ନିଲଜି | ୦.୧୨୦ | |
| ୨୦ | ନିଲଜି | ସିନାପାଲି | ନିଲଜି | ୩.୩୩୦ | |
| ୨୧ | ଚଟିଆଗୁଡା | ସିନାପାଲି | ନିଲଜି | ୦.୩୧୦ | |
| ୨୨ | ଯୋଗେନପଦର | ସିନାପାଲି | ସିନାପାଲି | ୦.୨୦୦ | |
| ୨୩ | ସିନାପାଲି | ସିନାପାଲି | ସିନାପାଲି | ୨.୨୪୦ | |
| ୨୪ | କାପସି | ସିନାପାଲି | ସିନାପାଲି | ୨.୦୪୦ | |
| ୨୫ | ସରଧାପୁର | ସିନାପାଲି | ସରଧାପୁର | ୦.୧୦୦ | |
| ୨୬ | ଘୋଟୁଗୁଡା | ସିନାପାଲି | ସରଧାପୁର | ୪.୧୬୦ | |
| ୨୭ | ଚଳନା | ସିନାପାଲି | ଚଳନା | ୬.୫୪୫ | |
| ୨୮ | ହାତୀବନ୍ଧା | ସିନାପାଲି | ହାତୀବନ୍ଧା | ୦.୩୨୦ | |
| ୨୯ | ଧୁଙ୍ଗିଆମୁଣ୍ଡା | ସିନାପାଲି | ହାତୀବନ୍ଧା | ୧.୧୮୦ | |
| | | | **ସର୍ବମୋଟ** | **: ୪୯.୧୦୬** | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

୫। ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ : ନୂଆପଡା ଜିଲ୍ଲାର ବୋଡେନ ଓ ସିନାପାଲି ତହସିଲର ଉପରୋକ୍ତ ୨୯ଟି ରାଜସ୍ୱ ଗ୍ରାମରେ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ, ଖଡିଆଳଙ୍କ ଦ୍ୱାରା ବିଜୁ ଏକ୍ସପ୍ରେସ ୱେ ରାସ୍ତା ନିର୍ମାଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବ ।

| | | |
|---|---|---|
| ୬। SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ | : | ନୂଆପଡା ଜିଲ୍ଲାରେ ଉପରୋକ୍ତ ୨୯ ଗୋଟି ଗ୍ରାମର ୪୯.୧୦୬ ଏକର ଘରୋଇ ଜମି ବିଜୁ ଏକ୍ସପ୍ରେସ ୱେ ରାସ୍ତା ନିର୍ମାଣର ଅନ୍ତର୍ଭୁକ୍ତ ଅଟେ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ । |
| ୭। SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ | : | ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତ/ଗ୍ରାମ/ୱାର୍ଡର ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୂହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟରେ ସ୍ଥାନିତ ହେବ ।<br><br>ଭୂମି ଅଧିଗ୍ରହୀତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭାମାନଙ୍କରେ ଜନଶୁଣାଣି କରାଯିବ । |
| ୮। ଗ୍ରାମସଭା/ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? | : | ସହମତି ଆବଶ୍ୟକ |

୯। SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ ।

SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ/ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତ୍‌ସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟରେ ସୂଚିତ ହେବ ।

[ No. 8224—RDM-LAB-NPD-0001/2021-RDM ]

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

ଅଭୟ କୁମାର ନାୟକ

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1605—173+0